# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 March – 2026**

---

# ରାଜ୍ୟସଭା ନିର୍ବାଚନ

ଓଡ଼ିଶାରୁ ରାଜ୍ୟସଭାର ୪ଟି ଆସନ ପାଇଁ ହୋଇଥିବା ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି । ବିଜେପି ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ବିଜେପି ସମର୍ଥିତ ସ୍ୱାଧୀନ ପ୍ରର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଏବଂ ବିଜେଡ଼ିର ସଂତୃପ୍ତ ମିଶ୍ର ମଧ୍ୟ ନିର୍ବାଚନରେ ବିଜୟଲାଭ କରିଛନ୍ତି । ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ସମର୍ଥିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ପରାଜିତ ହୋଇଛନ୍ତି । ରାଜ୍ୟର ୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ଗତକାଲି ବିଧାନସଭାର ୫୪ ନମ୍ବର କକ୍ଷରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହୋଇଥିଲା ।

# ସ୍ମାର୍ଟ ଗ୍ରାମ କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଅଧୀନସ୍ଥ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର କୁସୁନପୁର ଗ୍ରାମରେ ସ୍ମାର୍ଟ ଗ୍ରାମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଦେଶର ରାଜସ୍ଥାନ, ଲେହ ଲଦାଖ, ମଧ୍ୟପ୍ରଦେଶ, ଆସାମ ଓ

ଓଡ଼ିଶାର ୫ଟି ଗ୍ରାମରେ ସ୍ମାର୍ଟ ଗ୍ରାମ ଅଭିଯାନ ଆରମ୍ଭ କରାଯାଇଛି । ଦୁଇବର୍ଷ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ୩୭ଟି ପ୍ରୟୋଗଶାଳାର ବୈଜ୍ଞାନିକମାନେ ଗ୍ରାମାଞ୍ଚଳ ଭିତ୍ତିଭୂମି, କୃଷି, ସ୍ୱାସ୍ଥ୍ୟ, କୁଟୀରଶିଳ୍ପ, ସୁରକ୍ଷିତ ପାନୀୟଜଳ ଓ ଜୀବିକା ସୁଯୋଗର ଉନ୍ନତି ପାଇଁ ବିଭିନ୍ନ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ କରାଯିବ । ଏହି ଅଭିଯାନ ଜରିଆରେ ଗ୍ରାମୀଣ ବିକାଶ ପାଇଁ ଏକ ସ୍ଥାୟୀ ଓ ପୁନଃ ବ୍ୟବହାରଯୋଗ୍ୟ ମଡେଲ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍. ଆୟାର କହିଛନ୍ତି ...

**V/O**

# କ୍ରୀଡ଼ା କିଟ୍ ପ୍ରଦାନ

ରାଜ୍ୟରେ ମାଓମୁକ୍ତ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୪୮୫ଟି ଗ୍ରାମକୁ ୫୦ହଜାର ଟଙ୍କା ଲେଖାଏଁର କ୍ରୀଡ଼ା କିଟ୍ ଯୋଗାଇ ଦିଆଯିବ । ବରଗଡ, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ ରାୟଗଡା ଜିଲ୍ଲାର ୪୮୫ଟି ଗ୍ରାମକୁ ଏହି ସହାୟତା ପ୍ରଦାନ କରାଯିବ । ରାଜ୍ୟ ସରକାର ଏହି ଯୋଜନାରେ ୨ କୋଟି ୪୨ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

## ନାମଲେଖା ଆରମ୍ଭ

ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ରାଜ୍ୟର ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ଆଜିଠାରୁ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ନାମଲେଖା ଆରମ୍ଭ ହେବ । ବିଭିନ୍ନ ଚୟନ ଓ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଲଟେରୀ ମାଧ୍ୟମରେ ୨୭ହଜାର ୩୭୦ଜଣ ଛାତ୍ରଛାତ୍ରୀ ଚଳିତମାସ ଶେଷସୁଦ୍ଧା ନାମ ଲେଖାଇବେ । ବେସରକାରୀ ବିଦ୍ୟାଳୟଗୁଡ଼ିକ ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କଠାରୁ ନାମ ଲେଖା ପାଇଁ ଅର୍ଥ ଆଦାୟ କରିପାରିବେ ନାହିଁ ।

## ସିପିଇଟି ପରୀକ୍ଷା

ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ସୁଯୋଗ ବୃଦ୍ଧି କରିବା ଲାଗି ସାଧାରଣ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା- ସି.ପି.ଇ.ଟି ପରୀକ୍ଷା ପାଇଁ ଆବେଦନ ସମୟସୀମାକୁ ଆସନ୍ତାକାଲି ରାତି ୧୧ଟା ୪୫ମିନିଟ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗତ ୧୫ ତାରିଖରେ ଆବେଦନ ପ୍ରକ୍ରିୟା ଶେଷ ହୋଇଥିଲା । ଆସନ୍ତା ଏପ୍ରିଲ ୨୭ରୁ ମେ’ ମାସ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

# ଚୈତ୍ର ମଙ୍ଗଳବାର ଯାତ୍ରା

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା ଆଜି ସକାଳୁ ଆରମ୍ଭ ହୋଇଛି । ମନ୍ଦିର ଦ୍ୱାରଫିଟା ନୀତି ପରେ ମଙ୍ଗଳ ଆରତୀ, ଅବକାଶ, ମାଜଣା ଆଦି ନୀତିକାନ୍ତି ସମ୍ପନ୍ନ କରାଯାଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଛି । ରାତି ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଶାସନିକ ଅଧିକାରୀମାନେ ଯାତ୍ରା ପରିଚାଳନାରେ ନିୟୋଜିତ ହୋଇଛନ୍ତି । ଜିଲ୍ଲାର ଋଷିକୂଲ୍ୟା ଓ ବଡନଦୀ ସଂଗମଠାରେ ମହାବାରୁଣୀ ସ୍ନାନ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପକାଇବା ସହିତ ପିତୃପୁରୁଷଙ୍କ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରୁଛନ୍ତି ।

# ମିଳିତ ଜନଶୁଣାଣି ଶିବିର

ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣି ଶିବିରରେ ୨୯ଟି ମାମଲା ମଧ୍ୟରୁ ସହମତି କ୍ରମେ ୫ଟି ମାମଲାର ସମାଧାନ କରାଯାଇଛି । ଅନ୍ୟ ମାମଲାଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ସମାଧାନ ପାଇଁ ପଠାଯାଇଥିବା ଜଣାପଡିଛି । ଶିବିରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଭ୍ୟମାନେ ଯୋଗ ଦେଇଥିଲେ ।

# ଆଲୋଚନାଚକ୍ର

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଇତିହାସ ମାନବଜାତି ପ୍ରଗତିର ମାର୍ଗଦର୍ଶକ ହେବ ବୋଲି ମତପ୍ରକାଶ ପାଇଛି। ଇତିହାସ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ଶିକ୍ଷାବିତ୍‌ମାନେ ଯୋଗଦେଇ ଇତିହାସକୁ ସମୃଦ୍ଧ କରିବାରେ ସାହିତ୍ୟର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

# ପ୍ରଶିକ୍ଷଣ

ଗଞ୍ଜାମ ଜିଲ୍ଲାରେ ଜନଗଣନା ନିମନ୍ତେ କ୍ଷେତ୍ରସ୍ତରୀୟ ଜନଗଣନା ପ୍ରଶିକ୍ଷକଙ୍କ ପ୍ରଥମ ପର୍ଯ୍ୟାୟରେ ୬ ଦିନିଆ ପ୍ରଶିକ୍ଷଣ ଶେଷ ହୋଇଛି । ୪ଜଣ ପ୍ରଶାସନିକ ଅଧିକାରୀଙ୍କ ସମେତ ୧୪୪ଜଣଙ୍କୁ ଗୃହଗଣନା, ବ୍ଲକ ଚିହ୍ନଟ, ମ୍ୟାପ୍ ପ୍ରସ୍ତୁତି ଓ ଅନ୍‌ଲାଇନ୍ ତଥ୍ୟ ସଂଗ୍ରହ ଭଳି ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଛି ।

ନବରଙ୍ଗପୁର ଜିଲ୍ଲାରେ ୩୬ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ଜଣାପଡିଛି ।

# ସଚେତନତା ଶିବିର

ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ଗ୍ରାମ ପଞ୍ଚାୟତର ପବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ

ହୋଇଯାଇଛି । ଶିବିରରେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଝିଅପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଲା ପରିବେଷଣ କରାଯାଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା ।